भाकृअनुप - केंद्रीय चावल अनुसंधान संस्थान
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

## ୨୦୨୫ ମସିହା ଫେବୃୟାରୀ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା

### ଶାରଦ ଧାନ

- ଚାଷୀ ଭାଇମାନଙ୍କୁ ଅନୁରୋଧ କରାଯାଉଛି କି ଅମଳ ପରେ ବିଲରେ ଥିବା ପାଳ ବା ନଡାକୁ ନିଆଁ ଲଗାନ୍ତୁ ନାହିଁ । ଏହାଦ୍ୱାରା ପରିବେଶର ଅନେକ କ୍ଷତି ହୋଇଥାଏ ।
- ଅମଳ ପରେ ଧାନକୁ ଭଲଭାବେ ଖରାରେ ଶୁଖାଇ ବିହନ ପାଇଁ ୧୨ ଶତକଡ଼ା ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡ଼ା ଆର୍ଦ୍ରତା ରଖି ସାଇତି ରଖନ୍ତୁ ।
- ଅମଳ କରିଥିବା ଧାନ କିସମ ଅନୁସାରେ ଅଲଗା ଅଲଗା କରି ବଜାରରେ ମିଳୁଥିବା ସୁପରଗ୍ରେନ୍ ବସ୍ତାରେ ଭର୍ତି କରି ସୁରକ୍ଷିତ ଜାଗାରେ ଭଲଭାବେ ଘୋଡେଇ ରଖନ୍ତୁ ।
- ଧାନ ସାଇତି ରଖିଥିବା ବସ୍ତା ବା କୋଠରୀରେ ପୋକ ଦେଖାଦେଲେ ଆଲୁମିନିୟମ୍ ଫସ୍‌ଫାଇଡ୍ ଟାବ୍‌ଲେଟ୍ ଏକ ଟନ୍ ଧାନ ପିଛା ୩ଟି ଟାବ୍‌ଲେଟ୍ (ସମୁଦାୟ ୯ ଗ୍ରାମ୍ ଟାବ୍‌ଲେଟ୍) କନାରେ ଗୁଡାଇ ରଖନ୍ତୁ । ଏହା ଉପରେ ଭଲଭାବେ ତାରପୋଲିନ୍ ଘୋଡାଇ ଦିଅନ୍ତୁ ଯେପରିକି କିଛି ଫାଙ୍କାଜାଗା ନ ରୁହେ । ଯଦି କୋଠରୀର ସନ୍ଧି ଜାଗା କିମ୍ବା କବାଟ ତଳ ଫାଙ୍କ ଜାଗା ଥାଏ ତେବେ କାଦୁଅ କିମ୍ବା ସେଲୋଟେପ୍ ଦେଇ ଭଲରେ ବନ୍ଦ କରନ୍ତୁ, ଯେପରିକି ବାଷ୍ପ ବାହାରକୁ ନ ଆସେ । ଏହିପରି ୭ ରୁ ୧୦ ଦିନ ପର୍ଯ୍ୟନ୍ତ କୋଠାରୀ ଓ ବସ୍ତାର ମୁହଁ ଭଲଭାବରେ ବନ୍ଦ ରଖନ୍ତୁ । ଲୋକ ଚଳପ୍ରଚଳ କରୁଥିବା ଜାଗାରେ ଏଭଳି ଔଷଧ ପ୍ରୟୋଗ କରନ୍ତୁ ନାହିଁ ।

### ଡାଲୁଅ ଧାନ

### ୨.୧ ରୁଆଧାନ

- କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ପ୍ରତି ୨୦୦ ବର୍ଗମିଟର ତଳିଘରା ପିଛା ୩ଟି ହିସାବରେ ଯୌନ ସଭେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% କୁ ୮୦୦ ମି.ଲି. କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ୪ କି.ଗ୍ରା. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା.କୁ ୧:୧ ବା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ବ୍ୟବହାର କରନ୍ତୁ ।

- ଯଦି ଉକୁଣିଆ ପୋକ ଦେଖାଯାଏ, ତେବେ ଏକର ପ୍ରତି ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୨୦୦ ମି.ଲି. କିମ୍ବା ଥାୟାମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି. ୪୦ ଗ୍ରାମ୍ ପ୍ରୟୋଗ କରନ୍ତୁ ।

- ତଳିଘରାରେ ମହିଷା ରୋଗ ଲକ୍ଷଣ ଦେଖାଦେଲେ ଏକର ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ୍ ଟେବୁକୋନାଜୋଲ ୫୦% ସହିତ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. କିମ୍ବା ଆଇସୋପ୍ରୋଥିଓଲେନ୍ ୪୦ ଇ.ସି. ୩୦୦ ମି.ଲି. ସିଂଚନ କରନ୍ତୁ । ୭ ରୁ ୧୦ ଦିନ ବ୍ୟବଧାନରେ ଆଉ ଥରେ ପ୍ରୟୋଗ କରନ୍ତୁ ।

- ଧାନ ତଳିରେ ପତ୍ରପୋଡା ରୋଗ ଦେଖାଗଲେ ଏକର ପ୍ରତି କାର୍ବେଣ୍ଡାଜିମ୍  ୪୦୦ ଗ୍ରାମ୍ କିମ୍ବା ପ୍ରୋପିକୋନାଜୋଲ୍ ୨୦୦ ଗ୍ରାମ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ୩-୫ ସପ୍ତାହ ହୋଇଥିବା ଧାନ ତଳିକୁ ବୁଦା ପ୍ରତି ୩ ରୁ ୪ ଟି ହିସାବରେ ୧୫ ସେ.ମି. X  ୧୫ ସେ.ମି. ବ୍ୟବଧାନରେ ସିଧାଭାବରେ ଓ ଅଳ୍ପ ଗଭୀରରେ ରୋଇବା ଉଚିତ୍ ।

- ପତ୍ରପୋଡା ରୋଗ ପ୍ରାର୍ଦୁଭାବ ଅଂଚଳରେ ତଳିମୂଳକୁ ୦.୧% ପ୍ଲାଂଟୋମାଇସିନ୍ ଦ୍ରବଣରେ ( ୧ ଗ୍ରାମ୍ ୧ ଲିଟର ପାଣି ହିସାବରେ) ୩୦ ମିନିଟ୍ ପର୍ଯ୍ୟନ୍ତ ବୁଡାଇ ରୋପଣ କରନ୍ତୁ ।

- (ଡି.ଏ.ପି. ୪୪ କି.ଗ୍ରା. + ଏମ.ଓ.ପି. ୨୨ କି.ଗ୍ରା.) କିମ୍ବା (ୟୁରିଆ ୨୨ କି.ଗ୍ରା. + ଏସ୍.ଏସ୍.ପି. ୧୨୫ କି.ଗ୍ରା. + ଏମ୍.ଓ.ପି. ୨୨ କି.ଗ୍ରା.) ଶେଷଥର କାଦୁଅ କରିବା ସମୟରେ ମୂଳସାର ଭାବେ ବ୍ୟବହାର କରନ୍ତୁ ।

- ଧାନ ରୁଆ କାମ ସାରିଥିବା ଚାଷୀଭାଇମାନେ ଧାନରେ ମିଶ୍ରିତ ବାଲୁଙ୍ଗା ଦମନ ପାଇଁ ବେନ୍ସଲଫ୍ୟୁରାନ୍ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ଏହାସହିତ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଧାନ ରୋଇବାର ୩ ରୁ ୫ ଦିନ ପରେ ଘାସମରା ଔଷଧ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ ଡବ୍ଲ୍ୟୁ.ପି. ଏକର ପିଛା ୮୦ ଗ୍ରାମ୍ ୧୪୦ ଲିଟର ପାଣିରେ କିମ୍ବା ଧାନ ବୁଣିବାର ୧୦ ରୁ ୧୫ ଦିନ ପରେ କିମ୍ବା ୨ ରୁ ୩ ପତ୍ରବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍ପାଇରିବାକ୍ ସୋଡିୟମ୍ ୧୨୦ ମି.ଲି. ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଓ ପତ୍ରମୋଡା ପୋକର ନିରୀକ୍ଷଣ ପାଇଁ, ଏକର ପ୍ରତି ୩ଟି ଯୌନ ସମେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ହୋଇଯିବ, ଏକର ପିଛା ନିମ୍ବ ମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫% ୮୦୦ ମି.ଲି. ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୪% ଜି.ଆର୍ ୪ କେ.ଜି ଔଷଧ କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. ୧୦ କି.ଗ୍ରା. ସମାନ ପରିମାଣର ଶୁଖିଲା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

- ଯଦି ବକାନିରୋଗ ଦେଖାଯାଏ ତେବେ  ଏକର ପ୍ରତି ୨୦୦ ଗ୍ରାମ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି  ୨୦୦ ଲିଟର ପାଣିରେ ମିଶାଇ ୭ ରୁ ୧୦ ଦିନ ବ୍ୟବଧାନରେ ଦୁଇଥର ପ୍ରୟୋଗ କରନ୍ତୁ ।

- ରୁଆ ସରିଯାଇଥିବା ଧାନ ଜମିରେ ସକ୍ରିୟ ପିଲ ଅବସ୍ଥାରେ ( ତଳି ରୁଆର ୨୦ ରୁ ୨୫ ଦିନ ପରେ) ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ପ୍ରଥମ ମୂଳ ସାର ଭାବରେ ପ୍ରୟୋଗ କରନ୍ତୁ ।

**(୨.୨) କାଦୁଅ ବୁଣା ଧାନ**

- ❖ ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୫ ରୁ ୧୦ ଦିନ ପରେ ବେନ୍‌ସଲଫ୍ୟୁରାନ୍-ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାୱାର/ଇରେଜଷ୍ଟ୍ରଙ୍ଗ) ଦାନାଦାର ଏକରକୁ ୪ କି.ଗ୍ରା. ହିସାବରେ ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ ଅର୍ଥାତ୍ ୨ ରୁ ୩ ପତ୍ରବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. କିମ୍ବା ଧାନ ବୁଣିବାର ୧୫ ରୁ ୨୦ ଦିନ ପରେ ଏକର ପ୍ରତି ୮୦୦ ମି.ଲି. ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫପ୍ – ବ୍ୟୁଟାଇଲ ୫.୧% ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଧାନ ବୁଣାର ୨୦ ରୁ ୨୫ ଦିନ ପରେ ପିଲ ବାହାରିବା ସମୟରେ ଶୀର୍ଷସାର ହିସାବରେଏକର ପ୍ରତି ୨୪ କି.ଗ୍ରା. ୟୁରିଆ ପ୍ରୟୋଗ କରନ୍ତୁ ।
- ❖ କାଣ୍ଡବିନ୍ଧା ପୋକ ନିରୀକ୍ଷଣ ପାଇଁ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତା ପ୍ରତି ୪ ରୁ ୫ ଟି ହୋଇଯିବ, ତେବେ ଏକର ପିଛା ନିମ୍ବମଞ୍ଜିରୁ ତିଆରି ଔଷଧ ଯଥା ଆଜାଡିରାକ୍ଟିନ୍ ୦.୧୫%କୁ ୮୦୦ ମି.ଲି. କିମ୍ବା ଏକର ପିଛା କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ ୪% ଜି.ଆର୍. ୪ କି.ଗ୍ରା. କୁ ୧:୧ ବା ସମାନ ପରିମାଣର ବାଲି ସହିତ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍‌ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ❖ ଯଦି ମହିଷାରୋଗ ଦେଖାଯାଏ ତେବେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।
- ❖ ଚଷୀଭାଇମାନେ ଧାନ ଚଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*****